# NATIONAL NEWS BULLETIN (ODIA)
## 10th August - 2024
## Morning Bulletin : 7.15 a.m.

************************************

ଆକାଶବାଣୀ.....     ସମ୍ବାଦ ପଢୁଛନ୍ତି.....     **ସତ୍ୟବ୍ରତ ବେହୁରା**

## ମୁଖ୍ୟ ସମ୍ବାଦ

- କେରଳ ୱାୟନାଡରେ ରିଲିଫ ଓ ଥଇଥାନ କାର୍ଯ୍ୟର ସମୀକ୍ଷା କରିବେ ପ୍ରଧାନମନ୍ତ୍ରୀ ।

- ପ୍ରଧାନମନ୍ତ୍ରୀ ସହରାଞ୍ଚଳ ଆବାସ ଯୋଜନାର ଦ୍ୱିତୀୟ ପର୍ଯ୍ୟାୟକୁ କେନ୍ଦ୍ର କ୍ୟାବିନେଟ୍‌ର ଅନୁମୋଦନ ।

- ନୀଟ୍-ପି.ଜି. ପରୀକ୍ଷା ଘୁଞ୍ଚାଇବା ସମ୍ପର୍କିତ ଆବେଦନକୁ ଖାରଜ କଲେ ସୁପ୍ରିମ୍‌କୋର୍ଟ ।

- ପ୍ୟାରିସ୍ ଅଲିମ୍ପିକ୍ସରେ ବ୍ରୋଞ୍ଜ୍ ପଦକ ବିଜୟୀ କୁସ୍ତିଯୋଦ୍ଧା ଅମନ ସେହରାୱତ୍‌ଙ୍କୁ ଶୁଭେଚ୍ଛା ଜଣାଇଲେ ରାଷ୍ଟ୍ରପତି, ଉପରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ।

ଏବଂ

- ବ୍ରାଜିଲ୍‌ରେ ବିମାନ ଦୁର୍ଘଟଣାରେ ୬୧ ମୃତ ।

# ପି.ଏମ୍. - କେରଳ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି କେରଳର ୱାୟନାଡରେ ରିଲିଫ ଓ ଥଇଥାନ କାର୍ଯ୍ୟର ସମୀକ୍ଷା କରିବେ । ସେ କନୁର ଯିବେ ଏବଂ ସେଠାରୁ ୱାୟନାଡର ଭୂସ୍ଖଳନ ପ୍ରଭାବିତ ଅଞ୍ଚଳର ଆକାଶମାର୍ଗରୁ ନିରୀକ୍ଷଣ କରିବେ। ଶ୍ରୀ ମୋଦୀ ବିପର୍ଯ୍ୟୟ ପ୍ରଭାବିତ ଅଞ୍ଚଳ ପରିଦର୍ଶନ ମଧ୍ୟ କରିବେ। ସେଠାରେ ପ୍ରଧାନମନ୍ତ୍ରୀଙ୍କୁ ଲୋକଙ୍କ ସ୍ଥାନାନ୍ତର ଉଦ୍ୟମ ସମ୍ପର୍କରେ ଅବଗତ କରାଯିବ। ଶ୍ରୀ ମୋଦୀ ରିଲିଫ୍ କ୍ୟାମ୍ପ ପରିଦର୍ଶନ କରି ଚାଲିଥିବା ଥଇଥାନ କାର୍ଯ୍ୟର ସମୀକ୍ଷା କରିବେ ଏବଂ ଏହାପରେ ଡାକ୍ତରଖାନା ପରିଦର୍ଶନ କରି ଆହତମାନଙ୍କ ସହ ଆଲୋଚନା କରିବେ। ଏହାପରେ ପ୍ରଧାନମନ୍ତ୍ରୀ ଏକ ସମୀକ୍ଷା ବୈଠକରେ ଯୋଗଦେବେ, ଯେଉଁଠାରେ ତାଙ୍କୁ ଉଦ୍ଧାର ଏବଂ ରିଲିଫ କାର୍ଯ୍ୟ ବିଷୟରେ ଅବଗତ କରାଯିବ ।

# କ୍ୟାବିନେଟ୍

ପ୍ରଧାନମନ୍ତ୍ରୀ ସହରାଞ୍ଚଳ ଆବାସ ଯୋଜନା ଯୋଜନାର ଦ୍ୱିତୀୟ ପର୍ଯ୍ୟାୟକୁ କେନ୍ଦ୍ର କ୍ୟାବିନେଟ୍ ଅନୁମୋଦନ କରିଛି। ୨୦୨୪-୨୫ରୁ ୨୦୨୮-୨୯ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନା କାର୍ଯ୍ୟକାରୀ କରିବାକୁ ମଧ୍ୟ କ୍ୟାବିନେଟ୍ ଅନୁମୋଦନ କରିଛି। ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଗତକାଲି ରାତିରେ ଗଣମାଧ୍ୟମକୁ କହିଛନ୍ତି, ଏହି ଯୋଜନାରେ ୩ କୋଟି ନୂଆ ଘର ନିର୍ମାଣ କରାଯିବ। ସେଥିମଧ୍ୟରୁ ଗ୍ରାମାଞ୍ଚଳରେ ୨ କୋଟି ଓ ସହରାଞ୍ଚଳରେ ୧ କୋଟି ନିର୍ମାଣ କରାଯିବ ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି। ଏହି ଯୋଜନା ପାଇଁ ୩ ଲକ୍ଷ ୬୦ ହଜାର କୋଟି ଟଙ୍କାର ବଜେଟ୍ ବ୍ୟବସ୍ଥା କରାଯାଇଛି ବୋଲି ସେ କହିଛନ୍ତି ।

ଏହି ଯୋଜନା ଅଧୀନରେ ସହରାଞ୍ଚଳରେ କର୍ମଜୀବୀ ମହିଳାଙ୍କ ପାଇଁ ହଷ୍ଟେଲ ନିର୍ମାଣର ବ୍ୟବସ୍ଥା ରହିଛି ଏବଂ ଆର୍ଥିକ ଦୁର୍ବଳ ବର୍ଗ, ନିମ୍ନ ଆୟ ବର୍ଗ ଓ ମଧ୍ୟମ ଆୟ ବର୍ଗବର୍ଗଙ୍କ ପାଇଁ ୨୫ ଲକ୍ଷ ଟଙ୍କାର ଗୃହ ଋଣ ଉପରେ ୪ ପ୍ରତିଶତ ସୁଧ ସବସିଡି ଦିଆଯିବ ବୋଲି ଶ୍ରୀ ଅଶ୍ୱିନୀ ବୈଷ୍ଣବ ସୂଚନା ଦେଇଛନ୍ତି।

କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟ ଦ୍ୱାରା ପ୍ରସ୍ତାବିତ ସ୍ୱଚ୍ଛ ପ୍ଲାଣ୍ଟ କାର୍ଯ୍ୟକ୍ରମକୁ ମଧ୍ୟ କ୍ୟାବିନେଟ୍ ଅନୁମୋଦନ କରିଛି। ଗଣମାଧ୍ୟମକୁ ସୂଚନା ଦେଇ ଶ୍ରୀ ବୈଷ୍ଣବ କହିଛନ୍ତି, ୧ ହଜାର ୭୬୫ କୋଟିରୁ ଅଧିକ ଟଙ୍କା

ବିନିଯୋଗ ରେ ଏହି ପଦକ୍ଷେପ ଦେଶର ଉଦ୍ୟାନ କୃଷି କ୍ଷେତ୍ର ପାଇଁ ପଥପ୍ରଦର୍ଶକ ହେବ । ସେ କହିଥିଲେ, ସ୍ୱଚ୍ଛ ଉଦ୍ଭିଦ କାର୍ଯ୍ୟକ୍ରମ ଭୂତାଣୁ ମୁକ୍ତ ହେବ ଏବଂ କୃଷକମାନଙ୍କୁ ଉନ୍ନତ ମାନର ବୃକ୍ଷରୋପଣ ସାମଗ୍ରୀ ଉପଲବ୍ଧ କରାଯାଇପାରିବ, ଯାହା ଅମଳ ବୃଦ୍ଧି କରିବ ଏବଂ କୃଷକଙ୍କ ଆୟରେ ଉନ୍ନତି ଆଣିବ ।

ଉନ୍ନତ ଜୈବ ଇନ୍ଧନ ପ୍ରକଳ୍ପ ପାଇଁ ଆର୍ଥିକ ସହାୟତା ପ୍ରଦାନ ନିମନ୍ତେ ପ୍ରଧାନମନ୍ତ୍ରୀ ଜୀବନ ଯୋଜନାର ସଂପ୍ରସାରଣକୁ ମଧ୍ୟ କ୍ୟାବିନେଟ୍ ଅନୁମୋଦନ କରିଛି। ଶ୍ରୀ ବୈଷ୍ଣବ କହିଛନ୍ତି, ଏହି ବର୍ଦ୍ଧିତ ଯୋଜନାକୁ ୨୦୨୮-୨୯ ପର୍ଯ୍ୟନ୍ତ ଆଉ ପାଞ୍ଚ ବର୍ଷ ପାଇଁ ବୃଦ୍ଧି କରାଯାଇଛି। ଏହି ପ୍ରକଳ୍ପରେ ୧ ହଜାର ୯ ଶହ ଅଣସ୍ତରି କୋଟି ଟଙ୍କା ବିନିଯୋଗ କରାଯିବ।

ସୂଚନା ଓ ପ୍ରସାରଣ ମନ୍ତ୍ରୀ କହିଛନ୍ତି, ଅନୁସାଚିତ ଜାତି ଓ ଜନଜାତି ସଂରକ୍ଷଣ ନେଇ ନିକଟରେ ସୁପ୍ରିମ୍ କୋର୍ଟ ଦେଇଥିବା ରାୟ ଉପରେ ବୈଠକରେ ବିସ୍ତୃତ ଆଲୋଚନା ହୋଇଥିଲା। ବାବାସାହେବ ଆମ୍ବେଦକରଙ୍କ ଦ୍ୱାରା ପ୍ରସ୍ତୁତ ସମ୍ବିଧାନର ବ୍ୟବସ୍ଥା ପ୍ରତି ଏନଡିଏ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି କ୍ୟାବିନେଟର ମତ ରହିଛି। ସମ୍ବିଧାନରେ ଅନୁସୂଚିତ ଜାତି ଓ ଜନଜାତିଙ୍କ ପାଇଁ ସଂରକ୍ଷଣରେ କ୍ରିମି ଲେୟାରର ବ୍ୟବସ୍ଥା ନାହିଁ ଏବଂ ଏସସି ଓ ଏସଟିଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା ସମ୍ବିଧାନ ଅନୁଯାୟୀ ହେବା ଉଚିତ ବୋଲି କ୍ୟାବିନେଟ ନିଷ୍ପତ୍ତି ନେଇଥିବା ସେ କହିଛନ୍ତି ।

# ପାର୍ଲାମେଣ୍ଟ ସାଇନ୍-ଏ-ଡାଏ

ସଂସଦର ଉଭୟ ଗୃହକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ କରାଯାଇଛି । ସଂସଦର ବଜେଟ୍ ଅଧିବେଶନ ଗତ ମାସ ୨୨ ତାରିଖ ଦିନ ଆରମ୍ଭ ହୋଇଥିଲା । ଯାହା ଆସନ୍ତା ସୋମବାର ଦିନ ଶେଷ ହେବାର ଥିଲା । ବାଚସ୍ପତି ଓମ୍ ବିର୍ଲା କହିଛନ୍ତି, ଏହି ଅଧିବେଶନ କାଳରେ ୧୧୫ ଘଣ୍ଟା ଧରି ୧୫ଟି ବୈଠକ ଅନୁଷ୍ଠିତ ହୋଇଛି । ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଗତ ମାସ ୨୩ ତାରିଖରେ ଚଳିତ କେନ୍ଦ୍ରୀୟ ବଜେଟ୍ ଉପସ୍ଥାପନ କରିଥିଲେ । ଏହି କେନ୍ଦ୍ରୀୟ ବଜେଟ୍‌କୁ ନେଇ ଗୃହରେ ୨୭ ଘଣ୍ଟା ୨୯ ମିନିଟ୍ ଆଲୋଚନା ହୋଇଥିଲା ବୋଲି ସେ କହିଛନ୍ତି । ସେ କହିଛନ୍ତି, ଚଳିତ ଅଧିବେଶନରେ ୧୨ଟି ସରକାରୀ ବିଲ୍ ଉପସ୍ଥାପିତ ହୋଇଥିଲା, ଏହା ମଧ୍ୟରୁ ୪ଟି ବିଲ୍ ଲୋକସାଭାରେ ପାରିତ ହୋଇଛି । ବାଚସ୍ପତି କହିଛନ୍ତି, ଏହି ବିଲ୍ ଗୁଡ଼ିକ ମଧ୍ୟରେ ଅର୍ଥ ବିଧେୟକ, ବିନିଯୋଗ ବିଧେୟକ, ଜାମ୍ମୁ କାଶ୍ମୀର ବିନିଯୋଗ ବିଧେୟକ ଏବଂ ଭାରତୀୟ ବାୟୁ ଯାନ ବିଧେୟକ ରହିଛି । ରାଜ୍ୟସଭା ଅଧ୍ୟକ୍ଷ ଜଗଦୀପ ଧନଖଡ଼ କହିଛନ୍ତି, ସଂସଦ ୯୦ ଘଣ୍ଟା ଧରି ଚାଲିଥିଲା ଏବଂ ବଜେଟ୍ ସମ୍ପର୍କରେ ୨୨ ଘଣ୍ଟା ଆଲୋଚନା ହୋଇଥିଲା ।

## ଏସ୍.ସି. - ନୀଟ୍

ଆସନ୍ତା ୧୧ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ନିଟ୍-ପି.ଜି. ପରୀକ୍ଷା ୨୦୨୪କୁ ଘୁଞ୍ଚାଇବା ପାଇଁ କରାଯାଇଥିବା ଏକ ଆବେଦନକୁ ସୁପ୍ରିମ୍‌କୋର୍ଟ ଖାରଜ କରିଛନ୍ତି । କୋର୍ଟ୍ କହିଛନ୍ତି, ପରୀକ୍ଷାର ସମୟ ନିର୍ଘଣ୍ଟକୁ ଘୁଞ୍ଚାଇବା ଦ୍ୱାରା ୨ଲକ୍ଷ ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ଏହି ପରୀକ୍ଷା ଘୁଞ୍ଚାଯାଇ ପାରିବ ନାହିଁ । ସୁପ୍ରିମ୍‌କୋର୍ଟ ପ୍ରଧାନ ବିଚାରପତି ଜଷ୍ଟିସ୍ ଡି.ଓ୍ୱାଇ. ଚନ୍ଦ୍ରଚୂଡ଼, ଜଷ୍ଟିସ୍ ଜେ.ବି. ପର୍ଦିଓ୍ୱାଲା ଏବଂ ଜଷ୍ଟିସ୍ ମନୋଜ ମିର୍ଶଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି, ନିୟମ ଅନୁସାରେ ପରୀକ୍ଷା ତାରିଖ ପୁନଃ ନିର୍ଦ୍ଧାରିତ କରିବା କୋର୍ଟର କାର୍ଯ୍ୟ ନୁହେଁ । କୋର୍ଟ୍  ବହୁ ଆଶାୟୀ ପ୍ରାର୍ଥୀଙ୍କ ଭବିଷ୍ୟତକୁ ଅନ୍ଧାର ମଧ୍ୟକୁ ଠେଲିଦେଇ ପାରିବ ନାହିଁ । ଆବେଦନକାରୀ ଦର୍ଶାଇଥିଲେ ପରୀକ୍ଷା କେନ୍ଦ୍ର ଗୁଡ଼ିକ ଯେଉଁ ସହରରେ ନିର୍ଦ୍ଧାରଣ କରାଯାଇଛି ତାହା ଛାତ୍ରଛାତ୍ରୀମାନଙ୍କ ପାଇଁ ଉପଯୋଗୀ ନୁହଁ ।

## ପ୍ରେଜ୍, ଭି.ପି. କଙ୍ଗ୍ରାଚୁଲେସନ୍

ପ୍ୟାରିସ୍ ଅଲିମ୍ପିକ୍ସରେ ବ୍ରୋଞ୍ଜ୍ ପଦକ ଜିତିଥିବା ଭାରତୀୟ କୁସ୍ତିଯୋଦ୍ଧା ଅମନ ସେହରାଓ୍ୱତଙ୍କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ଜଗଦୀପ

ଧନଖଡ଼ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅଭିନନ୍ଦନ ଜଣାଇଛନ୍ତି। ସାମାଜିକ ଗଣମାଧ୍ୟମରେ ଏକ ପୋଷ୍ଟ କରି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି, ଏହି ଯୁବ କୁସ୍ତିଯୋଦ୍ଧା ତାଙ୍କ ପ୍ରଥମ ଅଲିମ୍ପିକ୍ସରେ ପଦକ ଜିତିସାରିଛନ୍ତି। ରାଷ୍ଟ୍ରପତି କହିଛନ୍ତି, ଅମନଙ୍କର ଆଗକୁ ଉଜ୍ଜ୍ୱଳ ଭବିଷ୍ୟତ ଅଛି ଏବଂ ସେ ଭାରତ ପାଇଁ ଅନେକ ପଦକ ଜିତିବେ ।

ଉପାଧ୍ୟକ୍ଷ ଜଗଦୀପ ଧନଖଡ଼ କହିଛନ୍ତି, ଅମନ୍‌ଙ୍କ ଉତ୍ସାହ ଏବଂ ଦୃଢ଼ ସମର୍ପଣ ଦେଶକୁ ଗର୍ବିତ କରିଛି। ସେ ଭବିଷ୍ୟତରେ ଭାରତୀୟ କୁସ୍ତିଯୋଦ୍ଧାଙ୍କ ଅନେକ ସଫଳତା କାମନା କରିଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ଅମନ ସେହରାୱତଙ୍କ ସମର୍ପଣ ଏବଂ ନିଷ୍ଠା ତାଙ୍କ ପ୍ରୟାସରେ ସ୍ପଷ୍ଟ ହୋଇଛି। ସେ କହିଛନ୍ତି, ଅମନଙ୍କ ଉଲ୍ଲେଖନୀୟ ସଫଳତାକୁ ସମଗ୍ର ଦେଶ ପାଳନ କରୁଛି।

କାଂସ୍ୟ ପଦକ ଜିତିଥିବାରୁ ଗୃହମନ୍ତ୍ରୀ ଅମିତ ଶାହା ମଧ୍ୟ ଅମନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ପ୍ୟାରିସ - ଅଲିମ୍ପିକ୍ସ

ପ୍ୟାରିସ୍ ଅଲିମ୍ପିକ୍ସରେ ପୁରୁଷ ୫୭ କେଜି ଫ୍ରିଷ୍ଟାଇଲ କୁସ୍ତି ପ୍ରତିଯୋଗିତାରେ ଭାରତୀୟ କୁସ୍ତିଯୋଦ୍ଧା ଅମନ ସେହରାୱତ କାଂସ୍ୟ ପଦକ ଜିତିଛନ୍ତି। ସେହରାୱତ ପୁଏର୍ଟୋ ରିକୋର ଡାରିଆନ୍ କ୍ରୁଜ୍‌ଙ୍କୁ ୧୩-୫ ରେ ପରାସ୍ତ କରିଥିଲେ। କୁସ୍ତିରେ ପ୍ୟାରିସ୍ ଅଲିମ୍ପିକ୍ସରେ ଏହା ପ୍ରଥମ ପଦକ ଏବଂ ଭାରତର ଷଷ୍ଠ। ଅମନ ଚମତ୍କାର ପ୍ରଦର୍ଶନ କରି ସେମିଫାଇନାଲରେ ପ୍ରବେଶ କରିଥିଲେ। ଯେଉଁଠାରେ ତାଙ୍କୁ ଜାପାନର ରି ହିଗୁଚିଙ୍କ ଠାରୁ ପରାଜୟର ସମ୍ମୁଖୀନ ହେବାକୁ ପଡ଼ିଥିଲା। ସେହରାୱତ ନର୍ଥ ମାସେଡୋନିଆର ଭ୍ଲାଦିମିର ଇଗୋରୋଭଙ୍କୁ ୧୦-୦ ଗୋଲରେ ପରାସ୍ତ କରି ଅଭିଯାନ ଆରମ୍ଭ କରିଥିଲେ, ଯାହା ପରେ ସେ କ୍ୱାର୍ଟର ଫାଇନାଲରେ ଆଲବେନିଆର ଜେଲିମ୍‌ଖାନ୍ ଆବାକାରୋଭଙ୍କୁ ପୁଣି ଥରେ ୧୨-୦ରେ ପରାସ୍ତ କରିଥିଲେ। ଅମନ ୨୧ ବର୍ଷ ୨୪ ଦିନ ବୟସରେ ଭାରତର ସର୍ବକନିଷ୍ଠ ପଦକ ବିଜେତା ହେବାର ପିଭି ସିନ୍ଧୁଙ୍କ ରେକର୍ଡକୁ ମଧ୍ୟ ଅତିକ୍ରମ କରିଛନ୍ତି। ପ୍ୟାରିସ ଅଲିମ୍ପିକ୍ସରେ ଭାରତ ଏବେ ୫ଟି ବ୍ରୋଞ୍ଜ୍ ଓ ଗୋଟିଏ ରୌପ୍ୟ ପଦକ ହାସଲ କରିଛି।

ମହିଳା ୭୬ କେଜି ଫ୍ରିଷ୍ଟାଇଲ ଇଭେଣ୍ଟରେ ଭାରତର ଶେଷ ପ୍ରତିଦ୍ୱନ୍ଦ୍ୱୀ କୁସ୍ତିଯୋଦ୍ଧା ରିତିକା ହୁଡା ଆଜି ଠାରୁ ଅଭିଯାନ ଆରମ୍ଭ କରିବେ। ଅପରାହ୍ନ

ସାଢ଼େ ୨ଟାରେ ହଙ୍ଗେରିର ବେର୍ନାଡେଟ୍ ନେଗିଙ୍କ ବିପକ୍ଷରେ ସେ ପ୍ରତିଯୋଗିତା କରିବେ ।

ଗଲ୍ଫରେ ଅଦିତି ଅଶୋକ ଓ ଦିକ୍ଷା ଡାଗର ଗତକାଲି ଭଲ ପ୍ରଦର୍ଶନ କରିନଥିଲେ। ଏହି ଦୁଇ ଖେଳାଳି ଆଜି ମଧ୍ୟାହ୍ନ ସାଢ଼େ ୧୨ଟାରେ ପ୍ରତିଯୋଗିତାର ଅନ୍ତିମ ପର୍ଯ୍ୟାୟରେ ଭାଗ ନେବେ।

## ବ୍ରାଜିଲ୍ - ଫ୍ଲାଇଟ୍ ଆକ୍ସିଡେଣ୍ଟ

ବ୍ରାଜିଲର ସାଓ ପାଓଲୋରେ ଗତକାଲି ରାତିରେ ୬୧ ଜଣ ଯାତ୍ରୀଙ୍କୁ ନେଇ ଯାଉଥିବା ଏକ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏହି ଦୁର୍ଘଟଣାରେ ବିମାନରେ ଥିବା ସମସ୍ତ ୫୭ ଜଣ ଯାତ୍ରୀ ଓ ୪ ଜଣ କ୍ରୁ ମେମ୍ବରଙ୍କ ମୃତ୍ୟୁ ଘଟିଛି। ଅଧିକାରୀମାନେ କହିଛନ୍ତି ଯେ ବିମାନଟି ଏକ ଆବାସିକ ଅଞ୍ଚଳରେ ଅବତରଣ କରିଥିଲା, ଯାହାଫଳରେ ଘରଗୁଡ଼ିକ କ୍ଷତିଗ୍ରସ୍ତ ହୋଇଥିଲା। ତେବେ ଏଥିରେ ସେଠାରେ ବସବାସ କରୁଥିବା ଲୋକଙ୍କର କୌଣସି କ୍ଷୟକ୍ଷତି ହୋଇ ନାହିଁ। ସ୍ଥାନୀୟ ବ୍ରାଜିଲ୍ ଏୟାରଲାଇନ୍ସ ଅନୁଯାୟୀ, ବିମାନଟି ପାରାନା ପ୍ରଦେଶର କାସ୍କୋଲେରୁ ସାଓ ପାଓଲୋର ଅନ୍ତର୍ଜାତୀୟ ବିମାନବନ୍ଦରକୁ ଉଡ଼ାଣ ଭରିଥିଲା।

# ଜୟଶଙ୍କର - ମାଲଦ୍ୱୀପ

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର କହିଛନ୍ତି, ମାଲଦ୍ୱୀପ ସହ ଭାରତର ଭାଗିଦାରୀ ପରସ୍ପରର ଲାଭ ପାଇଁ ଏକାଠି କାମ କରିବାର ଦୃଢ଼ ଇଚ୍ଛା ଉପରେ ଆଧାରିତ । ମାଲେଠାରେ ମାଲଦ୍ୱୀପର ବୈଦେଶିକ ମନ୍ତ୍ରୀ ମୌସା ଜାମିରଙ୍କୁ ଭେଟିବା ପରେ ଏକ ସାମ୍ବାଦିକ ସମ୍ମିଳନୀରେ ଡ. ଜୟଶଙ୍କର କହିଛନ୍ତି, ମାଲଦ୍ୱୀପ ଭାରତର ପଡ଼ୋଶୀ ପ୍ରଥମ ନୀତିର ଏକ ଗୁରୁତ୍ୱପୂର୍ଣ୍ଣ ଲକ୍ଷ୍ୟ।

ଡକ୍ଟର ଜୟଶଙ୍କର ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ କହିଛନ୍ତି ଯେ ମାଲଦ୍ୱୀପର ବୈଦେଶିକ ମନ୍ତ୍ରୀଙ୍କ ସହ ତାଙ୍କର ଗଠନମୂଳକ କଥାବାର୍ତ୍ତା ହୋଇଥିଲା । ବିକାଶ ସହଭାଗୀତା, ଦକ୍ଷତା ବୃଦ୍ଧି, ଆଞ୍ଚଳିକ ନିରାପତ୍ତା, ବାଣିଜ୍ୟ ଓ ଡିଜିଟାଲ ସହଯୋଗ ପ୍ରମୁଖ ଆଲୋଚନାର ବିଷୟବସ୍ତୁ ଥିଲା । ଦୁଇ ନେତା ମିଳିତ ଭାବେ ୬ଟି ସାମୁହିକ ପ୍ରକଳ୍ପର ଉଦଘାଟନ କରିଥିଲେ। ଏହି ଯୋଜନା ମାନସିକ ସ୍ୱାସ୍ଥ୍ୟ, ପିଲାଙ୍କ ପାଇଁ ସ୍ପିଚ୍ ଥେରାପି ଏବଂ ସ୍ୱତନ୍ତ୍ର ଶିକ୍ଷା ସହିତ ଜଡିତ ।

ନ୍ୟାସନାଲ ପେମେଣ୍ଟ କର୍ପୋରେସନ୍ ଅଫ୍ ଇଣ୍ଡିଆ ଏବଂ ମାଲଦ୍ୱୀପର ଅର୍ଥନୈତିକ ବିକାଶ ଏବଂ ବାଣିଜ୍ୟ ମନ୍ତ୍ରଣାଳୟ ମଧ୍ୟରେ ଡିଜିଟାଲ ପେମେଣ୍ଟ ସିଷ୍ଟମ ଉପରେ ମଧ୍ୟ ଏକ ଚୁକ୍ତି ସ୍ୱାକ୍ଷରିତ ହୋଇଛି । ମାଲଦ୍ୱୀପର

ବୈଦେଶିକ ମନ୍ତ୍ରୀ ମାଳଦ୍ୱୀପର ସାମୂହିକ ସଶକ୍ତୀକରଣ ପ୍ରତି ଭାରତର ପ୍ରତିବଦ୍ଧତାକୁ ପ୍ରଶଂସା କରିଥିଲେ ।

ଶ୍ରୀ ଜୟଶଙ୍କର ତିନି ଦିନିଆ ମାଳଦ୍ୱୀପ ଗସ୍ତରେ ଗତକାଲି ସନ୍ଧ୍ୟାରେ ମାଲେରେ ପହଞ୍ଚିଥିଲେ। ମାଳଦ୍ୱୀପର ରାଷ୍ଟ୍ରପତି ମହମ୍ମଦ ମୁଏଜୁ ଚଳିତ ବର୍ଷ ଜୁନ୍ ମାସରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଶପଥ ଗ୍ରହଣ ଉତ୍ସବରେ ଯୋଗ ଦେବା ପାଇଁ ଭାରତ ଗସ୍ତରେ ଆସିଥିଲେ।

## ବି.ଏସ୍.ଏଫ୍. - ବାଂଲାଦେଶ

ପଶ୍ଚିମବଙ୍ଗର କୁଚବେହାର ଜିଲ୍ଲାରେ ଭାରତ-ବାଂଲାଦେଶ ସୀମାରେ ଅନୁପ୍ରବେଶ ଉଦ୍ୟମକୁ ସୀମା ସୁରକ୍ଷା ବଳ, ବିଏସଏଫ ପକ୍ଷରୁ ପଣ୍ଡ କରାଯାଇଛି । ସୀମା ସୁରକ୍ଷା ବଳ ମୁଖପାତ୍ରଙ୍କ କହିବା ଅନୁଯାୟୀ, ପଶ୍ଚିମବଙ୍ଗର କୁଚ୍‌ବେହାରରେ ଭାରତ-ବାଂଲାଦେଶ ସୀମାରେ ବିଏସଏଫ ଯବାନମାନେ ଭାରତରେ ଆଶ୍ରୟ ନେବା ପାଇଁ ଅନ୍ତର୍ଜାତୀୟ ସୀମାକୁ ଆସୁଥିବା ପ୍ରାୟ ଏକ ହଜାର ବାଂଲାଦେଶୀ ନାଗରିକଙ୍କୁ ଫେରାଇ ନେବାପାଇଁ ବର୍ଡ଼ର ଗାର୍ଡ଼ ବାଂଲାଦେଶ ସହ ଯୋଗାଯୋଗ କରିଥିଲା, ଯାହା ଦ୍ୱାରା ଉତ୍ତେଜନା ସୃଷ୍ଟି ନକରି ପରିସ୍ଥିତିକୁ ନିୟନ୍ତ୍ରଣ କରାଯାଇପାରିବ ବୋଲି ସୁନିଶ୍ଚିତ କରାଯାଇଥିଲା।

*****